## ୪ ଫେରାର ଅଭିଯୁକ୍ତ ଗିରଫ

ପାଟଣା,(ସ୍ୱ.ପ୍ର.):କେନ୍ଦୁଝର ଜିଲା ତୁରୁମୁଙ୍ଗା ଓ ପାଟଣା ପୋଲିସ ଗୁରୁବାର ୪ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ତୁରୁମୁଙ୍ଗା ଗ୍ରାମର ଇନ୍ଦ୍ରଜିତ ସାହୁ ଓ ଚିଲିଦା ଗ୍ରାମର ଅଜୟ ନାଏକ। ସେହିପରି ବଡ଼ବିଲ ଗ୍ରାମରୁ ଜଣେ ଓ ଲକ୍ଷ୍ମୀପଶି ଗ୍ରାମରୁ ଜଣେ ୱାରେଣ୍ଟିଙ୍କୁ ଗିରଫ କରାଯାଇଛି। ଇନ୍ଦ୍ରଜିତ ୨୦୦୮ ରେ ଏକ ବଳାତ୍କାର ମାମଲାରେ ବେଲ୍‌ରେ ଆସି ଫେରାର ଥିଲେବେଳେ ଅଜୟ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଫେରାର ଥିବା ଥାନାଧିକାରୀ ମଦନ ମୋହନ ନାଏକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ହସ୍ପିଟାଲ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

ବାରିପଦା ଅଫିସ,୧୧।୧୧- ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ସାତମହଲା ରାସ୍ତା ପାର୍ଶ୍ୱରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବାରିପଦା ପୌରପାଳିକା ନିର୍ବାହୀ ଅଧିକାରୀ ତଥା ସଦର ଉପଜିଲାପାଳ ଅନ୍ୟା ଦାସଙ୍କ ନିର୍ଦ୍ଦେଶ କ୍ରମେ ଉଠାଦୋକାନୀଙ୍କୁ ହଟାଇ ଦିଆଯାଇଛି। ଉକ୍ତ ରାସ୍ତାଟି ସାତମହଲା ପ୍ରସୂତି ଓ ଶିଶୁ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଜବରଦଖଲ ପାଇଁ ଆମ୍ବୁଲାନ୍ସ ଚଳପ୍ରଚଳରେ ବାରମ୍ବାର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା । ଏନେଇ ଆମ୍ବୁଲାନ୍ସ ଚାଳକ ସଂଘ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲା। ତେବେ ଉଚ୍ଛେଦ କରାଯାଇଥିବା ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ଦାବି ହୋଇଛି ।

### ଘରେ ପଶି ଟଙ୍କା ସହ ସୁନା ଅଳଙ୍କାର ଲୁଟ୍

ପାଟଣା,୧୧।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବୁଢ଼ୀ କାପୁଡି ପଞ୍ଚାୟତ ଲକ୍ଷ୍ମୀପଶି ଗ୍ରାମର ମଙ୍ଗୁଲୁ ମହାନ୍ତଙ୍କ ଘରୁ ବୁଧବାର ଦ୍ୱିପହରରେ ଦୁର୍ବୃତ୍ତ ଟଙ୍କା ଓ ଅଳଙ୍କାର ଚୋରି କରିନେଇଥିବାର ମଙ୍ଗୁଲୁ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ଘର ଲୋକେ ସବୁ ବାଡ଼ି ପଛ ପଟ ବଗିଚାରେ କାମ କରୁଥିବାବେଳେ ତିନି ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଘରେ ପଶି ଆଲମିରା ଭାଙ୍ଗି ନଗଦ ୨୦ ହଜାର ଟଙ୍କା ସହ , ୨ହଳ ସୁନା କାନ ଫୁଲ, ୨ହଳରୁପା ପାଉଞ୍ଜି ଓ କଂସା ବାସନ ଚୋରି କରି ନେଇଥିବାର ଏତଲାରେ ଦର୍ଶାଯାଇଛି। ଏନେଇ ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ.୧୨୭/୨୧) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ମଦନ ମୋହନ ନାଏକ ସୂଚନା ଦେଇଛନ୍ତି।

### ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

କେନ୍ଦୁଝର, ୧୧।୧୧ (ସ୍ୱ.ପ୍ର./ଡି.ଏନ.ଏ.): ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଯଦୁମଣି ମହଲା କେନ୍ଦୁଝର ଜିଲାର ନୂଆ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ସେ



ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଯୁଗ୍ମ ସଚିବ ଭାବେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି । ଜଣେ ଦକ୍ଷ ଓ ଲୋକପ୍ରିୟ ପ୍ରଶାସକ ଭାବେ ସେ ସୁଖ୍ୟାତି ଅର୍ଜନ କରିଛନ୍ତି । ବର୍ତ୍ତମାନ କେନ୍ଦୁଝରରେ ଦୁଇଜଣ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟରତ ଅଛନ୍ତି।

### ନବକଳେବର ହେବ ଚମ୍ପୁଆ ଏନ଼୍ଏସି

ଚମ୍ପୁଆ,୧୧।୧୧(ଡି.ଏନ.ଏ.): କେନ୍ଦୁଝର ଜିଲାର ଚମ୍ପୁଆ ଏନ୍‌ଏସି ପାଇବ ନୂତନ ରୂପ। ଜନସାଧାରଣଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ନିର୍ମାଣ କରାଯିବ ପିକନିକ ସ୍ପଟ, ଆଇଲଭ ଚମ୍ପୁଆ ଓ ଉନ୍ନତମାନର ଶୌଚାଳୟ କରାଯିବ ବୋଲି ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ସୂଚନା ଦେଇଛନ୍ତି। ସ୍ଥାନିୟ ବୈତରଣୀ ନଦୀ ତଟ ଘାଗରାଘାଟ ଠାରେ ଏହି ପିକନିକ ସ୍ପଟ ପାଇଁ ପ୍ରସ୍ତାବ ହୋଇ ଥିବା ବେଳେ ସର୍ବସାଧାରଣ ଯାତାୟାତ ସ୍ଥାନ ବସଷ୍ଟାଣ୍ଡ ଠାରେ ଆଇ ଲଭ ଚମ୍ପୁଆ ଓ ୨ ଗୋଟି ଆଧୁନିକ ଶୋଚାଳୟ ନିର୍ମାଣ କରାଯିବ। ଚମ୍ପୁଆ ଏନ୍‌ଏସିକୁ ଆଗଧାଡିର ସହର କରି ଗଢିତୋଳିବା ପାଇଁ ସମସ୍ତ ପ୍ରୟାସ ଜାରି ରହିବ ବୋଲି ଏନ୍‌ଏସି ନିର୍ବାହୀ ଅଧିକାରୀ ସାହା ସୂଚନା ଦେଇଛନ୍ତି।

### ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ଭଣ୍ଡାରିପୋଖରୀ,୧୧।୧୧(ଡି.ଏନ.ଏ.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲ୍ୟାଣମଣ୍ଡପଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଟୁଳି ପଞ୍ଚାୟତର ଶତାଧିକ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ପ୍ରୟାସକାନ୍ତି ସାମଲ, ଜିଲା ଯୁବ ବିଜେଡି ସମ୍ପାଦକ ଉତ୍କଳ କେଶରୀ ମହାନ୍ତି, ଜିଲା ଯୁବ ବିଜେଡି ଉପସଭାପତି ପ୍ରଣୀତକାନ୍ତ ସାମଲ, ବ୍ଲକ ଯୁବ ବିଜେଡି ସଭାପତି ଲଳିତ କୁମାର ରାଉତ, ନୀଳାମ୍ବର ରାଉତ, ଦେବେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କର୍ମୀଙ୍କୁ ଦଳ ପକ୍ଷରୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା।

# ବିସ୍ଥାପିତଙ୍କ କଥା ଶୁଣୁନି ପ୍ରଶାସନ

- କାନପୁର ନଦୀବନ୍ଧ ପ୍ରକଳ୍ପ
- ପଲିଥିନ ତଳେ ବିତୁଛି ଜୀବନ
- ଭୋଟ ବର୍ଜନ କରିବାକୁ ଚେତାବନୀ

ଯୋଡ଼ା,୧୧।୧୧(ଡି.ଏନ.ଏ.)

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା ପାଇଁ ୨୦୦୪ ମସିହାରୁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। କେନ୍ଦୁଝର ଜିଲା ଯୋଡ଼ାବ୍ଲକ ଅଞ୍ଚଳରେ ପ୍ରବାହିତ ବୈତରଣୀ ନଦୀ ଉପରେ କାନପୁର ଠାରେ ଏହି ବୃହତ୍ତ ନଦୀ ବନ୍ଧ ଯୋଜନା ପ୍ରାୟ ୩ ଦଶନ୍ଧି ଧରି ନିର୍ମାଣାଧୀନ ରହିଛି।

ସୂଚନାଯୋଗ୍ୟ ଯେ, ଏହି ପ୍ରକଳ୍ପକୁ ଯଥାକ୍ରମେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ପ୍ରକଳ୍ପରେ ବିସ୍ଥାପନ ଏକ ଗମ୍ଭୀର ସମସ୍ୟା ଭାବେ ଦେଖାଦେଇଛି। ସାମୂହିକ ବିକାଶ ପାଇଁ ଏକାଧିକ ଗ୍ରାମବାସୀ ନିଜର ଭିଟାମାଟି ଛାଡ଼ି ଜମିଜାଗା, ବାସଗୃହ ତ୍ୟାଗ କରିଛନ୍ତି। ଏହି ପ୍ରକଳ୍ପରେ ସମୁଦାୟ ୧୬ଟି ଗ୍ରାମ ବୁଡ଼ି ଅଞ୍ଚଳ ହେଉଥିବାବେଳେ ତନ୍ମଧ୍ୟରୁ ୩ଟି ଗ୍ରାମ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ହେଲେ ରାଜ୍ୟ ସରକାର ବିସ୍ଥାପିତମାନଙ୍କୁ ଅଣଦେଖା କରୁଥିବା ସମ୍ପୂର୍ଣ୍ଣ ବୁଡ଼ି ଅଞ୍ଚଳ ଚମକପୁର, ରେଭେନସାପୁର(କ), (ଖ) ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ଜଗନ୍ନାଥ ତିରିଆ, ଅର୍ଜ୍ଜୁନ ବେହେରା, ଟମା ବେହେରା, ଦିଲୀପ ନାଏକ, ସନ୍ତୋଷ କୁମାର ଦାସ ପ୍ରମୁଖ କହିଛନ୍ତି ଯେ, ୨୦୧୨ ମସିହା ପରେ ବିସ୍ଥାପନ ଧାର୍ଯ୍ୟ ବକେୟା ବର୍ଦ୍ଧିତ ରାଶିକୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇ ନାହିଁ। ସେମାନଙ୍କୁ ୨୦୦୬ ମସିହା ବିସ୍ଥାପନ ଓ ଥଇଥାନ ନୀତି ଅନୁଯାୟୀ ଘରଡ଼ିହ, ଚାଷଜମି ଦିଆଯାଇ ନାହିଁ। ଏହା ସହିତ ୨୦୧୩ ମସିହାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ଯୁବତୀ, ଯୁବକଙ୍କୁ ବିସ୍ଥାପିତ ତାଲିକାରେ ଅନ୍ତର୍ଭୁକ୍ତ କରା ନ ଯାଇ ଏବଂ ସମ୍ପୂର୍ଣ୍ଣ ସର୍ବେକ୍ଷଣ କରା ନ ଯାଇ ବଳପୂର୍ବକ ୧୦ ଟି ଗ୍ରାମକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯାଇଛି। ଉପରୋକ୍ତ ଗ୍ରାମବାସୀ କହିଛନ୍ତି ଯେ, ଘର ଭାଙ୍ଗିବା ପରେ ସେମାନେ ପଲିଥିନ ତଳେ ଜୀବନ ବିତାଉଛନ୍ତି। ପ୍ରଥମେ ବର୍ଷାରେ ଏବେ ଶୀତ କାକରରେ କାଳାତିପାତ କରୁଛନ୍ତି। ଏହିପରି ଅବସ୍ଥାରେ ରହୁଥିବାରୁ ଶତାଧିକ ବିସ୍ଥାପିତ ଗ୍ରାମବାସୀ କୋହ ଏବଂ କ୍ରୋଧରେ କହିଛନ୍ତି ଯେ 'ଗାଁ ନାହିଁ , ନାଁ ନାହିଁ, ଆମେ ଭୋଟ କାହିଁକି ଦେବୁ। ଏଣୁ ଚଳିତବର୍ଷ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଗ୍ରାମବାସୀ ସମୂହଭାବେ ନିଷ୍ପତ୍ତି ନେଇଥିବା ଚମକପୁର ପଞ୍ଚାୟତର ସରପଞ୍ଚ ନରହରି ନାଏକ କହିଛନ୍ତି।



କାନପୁର ବିସ୍ଥାପିତଙ୍କ ଘର ।

# ଶକ୍ତିବୃଦ୍ଧି ଲାଗି କଂଗ୍ରେସର ପ୍ରୟାସ




ମିଶ୍ରଣପର୍ବରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ।

### ମିଶ୍ରଣପର୍ବରେ ଶତାଧିକ ଭାଜପା କର୍ମୀ ସାମିଲ

ରୂପସା, ୧୧।୧୧(ଡି.ଏନ.ଏ.)

ବାଲେଶ୍ୱର ନିର୍ବାଚନମଣ୍ଡଳୀରେ କଂଗ୍ରେସ ନିଜର ଶକ୍ତିବୃଦ୍ଧି ଉଦ୍ଦେଶ୍ୟରେ ଗୁରୁବାର ରସଲପୁର ପଞ୍ଚାୟତରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ବିଗତ ନିର୍ବାଚନରେ ରସଲପୁର ପଞ୍ଚାୟତରେ ଥିବା କଂଗ୍ରେସ ସରପଞ୍ଚ ଜଳଧର ବେହେରା ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ନିଜର ଶତାଧିକ ସମର୍ଥକଙ୍କ ସହ ସେ ଘରବାହୁଡା ହେବା ଫଳରେ ଦଳୀୟ କର୍ମୀ ମହଲରେ ଉତ୍ସାହ ବଢିଛି। ଦଳରେ ଯୋଗ ଦେଇଥିବା ନୂତନ ସମର୍ଥକଙ୍କୁ ବାଲେଶ୍ୱର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ଜିଲା ସଭାପତି ସଞ୍ଜୀବ ଗିରି, ବାଲେଶ୍ୱର ଉପନିର୍ବାଚନ ବିଧାୟିକା ପ୍ରାର୍ଥିନୀ ମମତା କୁଣ୍ଡୁ, ରାଜ୍ୟ କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରା, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ପ୍ରମୁଖ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଜଳଧର ବେହେରାଙ୍କ ନେତୃତ୍ୱରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ସଫଳତା ହାସଲ କରିବ ବୋଲି ନେତୃବୃନ୍ଦ ଆଶାବ୍ୟକ୍ତ କରିଥିଲେ। ବୈଠକରେ ବ୍ଲକ କଂଗ୍ରେସ କମିଟିର ଅନୁମୋଦନକ୍ରମେ ଘର ବାହୁଡା କରିଥିବାରୁ ଜଳଧର ବେହେରାଙ୍କୁ ପଞ୍ଚାୟତ କଂଗ୍ରେସ ସଭାପତି ଭାବରେ ଘୋଷଣା କରାଯିବା ସହ ପୂର୍ବତନ ସଭାପତି ପାଗେଶ୍ୱର ମହାପାତ୍ରଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯିବ ବୋଲି ଜିଲା ସଭାପତି ଘୋଷଣା କରିଥିଲେ। କଂଗ୍ରେସ ବରିଷ୍ଠ ନେତା ସନ୍ନ୍ୟାସୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶାରୀରିକ, ବୌଦ୍ଧିକ ବିକାଶ ଲାଗି 'ସୁରଭି'

ଖଇରା, ୧୧।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକସ୍ତରୀୟ ସୁରଭି ଗୁରୁବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପର୍ଶୁରାମ ପଣ୍ଡା ଉଦ୍‌ଘାଟନ କରି ଶିଶୁମାନଙ୍କ ଶାରୀରିକ, ବୌଦ୍ଧିକ ବିକାଶ ପାଇଁ ସୁରଭି ଭଳି କାର୍ଯ୍ୟକ୍ରମ ଆବଶ୍ୟକ ବୋଲି କହିଥିଲେ। ଏବିଇଓ ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଗୀତ, ଦଳଗତ ନୃତ୍ୟ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା ମୁଖ୍ୟଅତିଥି, ପୂର୍ବତନ ବିଇଓ ସୁଦର୍ଶନ ରାଉତ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବକ୍ତୃତାରେ ସାଇଲକ୍ଷ୍ମୀ ବାରିକ, ରଚନା ଲିଖନରେ ରାଜଶ୍ରୀ ମହୁରୀ, ଚିତ୍ରାଙ୍କନରେ ଜ୍ୟୋତି ପ୍ରକାଶ ବେହେରା, ସଙ୍ଗୀତରେ ଇତିଶ୍ରୀ ଦାସ, ଦଳଗତ ନୃତ୍ୟରେ ଖଇରା ହାଇସ୍କୁଲ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଶରତ ପଣ୍ଡା ଧନ୍ୟବାଦ ଦେଇଥିଲେ ।



ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା ପିଲାମାନଙ୍କୁ ପୁରସ୍କୃତ କରୁଛନ୍ତି ।

# ୨୪ ଘଣ୍ଟାରେ ୨ ଲୁଟ୍

### ବନ୍ଧୁକ ମୁନରେ ଟଙ୍କା, ସୁନାଗହଣା ନେଇଗଲେ

ଭଦ୍ରକ ଅଫିସ, ୧୧।୧୧

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ପଞ୍ଚାୟତ ଆରଡ଼ି ଛକ ନିକଟରୁ ଗତ ୨୪ ଘଣ୍ଟା ମଧ୍ୟରେ ୨ଟି ଲୁଟ୍ ଘଟଣା ଘଟିଛି। ବନ୍ଧୁକ ମୁନରେ ଦୁର୍ବୃତ୍ତମାନେ ଟଙ୍କା, ମୋବାଇଲ ଓ ସୁନାଗହଣା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଆରଡ଼ି ଛକ ନିକଟରେ ଥିବା ମାନବ ଜ୍ୟୋତି ଔଷଧ ଦୋକାନରୁ ବୁଧବାର ରାତିରେ ଲୁଟ୍ ହୋଇଛି। ୬ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଦୋକାନ ଭିତରକୁ ପଶିଥିଲେ। କେହି କିଛି ବୁଝିବା ପୂର୍ବରୁ ଗୋଟିଏ ରାଉଣ୍ଡ ଗୁଳି ଫୁଟାଇ ୩ଟି ମୋବାଇଲ, କ୍ୟାସ୍ କାଉଣ୍ଟରରେ ଥିବା ପ୍ରାୟ ୨୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ପରେ ଦୋକାନୀଙ୍କଠାରୁ ଖବର ପାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଆଲୋକ ଜେନା ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଦୁର୍ବୃତ୍ତଙ୍କୁ ଠାବ କରାଯାଇପାରିବ ବୋଲି ଆଇଆଇସି ଜେନା କହିଛନ୍ତି।

ସେହିପରି ଗୁରୁବାର ମଧ୍ୟାହ୍ନରେ ଗେଲପୁର ପଞ୍ଚାୟତ ମାଜିଷ୍ଟ୍ରେଟ କ୍ୱାର୍ଟର ପଛପାଖ ନେସ୍କୋର ପୂର୍ବତନ ଡେପୁଟି ଜେନେରାଲ ମ୍ୟାନେଜର କୃଷ୍ଣଚନ୍ଦ୍ର ଜେନାଙ୍କ ଘରୁ ଦୁଇ ଦୁର୍ବୃତ୍ତ ସୁନାଗହଣା ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ କୃଷ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଅମିତାଙ୍କୁ ଘର ଭଡ଼ା ନେବାକୁ କହି ବିଶ୍ୱାସ ଜନ୍ମାଇଥିଲେ। ଏହାପରେ ପାଣି ପିଇବାକୁ ମାଗିଥିଲେ। ପାଣି ଆଣିବାକୁ ଯାଇଥିବା ଅମିତାଙ୍କ ମୁଣ୍ଡକୁ ବନ୍ଧୁକ ଦେଖାଇ ତାଙ୍କୁ ବାନ୍ଧି ଦେଇ ସେମାନେ ସୁନାଗହଣା ଲୁଟି ନେଇଥିଲେ। କୃଷ୍ଣଚନ୍ଦ୍ର ଘରକୁ ଫେରିବା ପରେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ।

# ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଠାକୁରମୁଣ୍ଡା,୧୧।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ କେନ୍ଦୁଜିଆଣି ପଞ୍ଚାୟତର ଢ଼ିପା ସାହିଠାରେ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିର୍ସା ମୁଣ୍ଡା ବିକାଶ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳର ମହାସଚିବ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସେଠାରେ ନିର୍ମିତ କମ୍ୟୁନିଟି ସେଣ୍ଟରକୁ ଲୋକାର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ବିଧାୟିକା ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ଡା. ଦେବାଶିଷ ମାରାଣ୍ଡି, ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା,କରଞ୍ଜିଆ ବ୍ଲକ ଅଧ୍ୟକ୍ଷ ହରିଶ୍ଚନ୍ଦ୍ର ନାୟକ ଓ ବିର୍ସାମୁଣ୍ଡା ବିକାଶ ସମିତିର ସଭାପତି ଜିଲା ପରିଷଦ ସଦସ୍ୟ ସାମାୟ ପୂର୍ତ୍ତି, କରଞ୍ଜିଆ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଗଣେଶ ଗାଗରାଇ ଅତିଥି ପରିଚୟ ପ୍ରଦାନ ଓ କେନ୍ଦୁଜିଆଣୀ ସରପଞ୍ଚ ଦୁର୍ଗୀ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ମଞ୍ଚାସୀନ ଅତିଥି।

# ଗୋରୁ ବୋଝେଇ ଗାଡ଼ି ଜବତ

ପଦ୍ମପୁର, ୧୧।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ଛକରୁ ଏକ ବେଆଇନ ଗୋରୁ ବୋଝେଇ ଗାଡ଼ିକୁ ପୋଲିସ ଜବତ କରିଛି। ନାୟକାଣିଡିହୀ ଥାନା ଅଧୀନ ବିଦେଇପୁର ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୧୨ ଗୋରୁଙ୍କୁ ବୋଝେଇ କରି କେତେଜଣ ବ୍ୟବସାୟୀ ବାଲେଶ୍ୱର ଜିଲା ସୋର ଅଞ୍ଚଳକୁ ନେଉଥିଲେ। ଖବର ପାଇ ବଜରଙ୍ଗ ଦଳର କର୍ମକର୍ତ୍ତା ଗାଡ଼ିକୁ ଅଟକାଇ ପୋଲିସକୁ ସୂଚନା ଦେଇଥିଲେ। ବାସୁଦେବପୁର ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ମାମଲା (ନଂ.୩୪୦/୨୧) ରୁଜୁ କରିଛି। ପୋଲିସକୁ ଦେଖି ବ୍ୟବସାୟୀମାନେ ଦୌଡ଼ି ବିଲକୁ ପଳାଇଥିଲେ। ଉଦ୍ଧାର ଗୋରୁଙ୍କୁ ଗୋଶାଳାରେ ଛାଡ଼ିଦିଆଯାଇଛି।

# କୂଅରୁ ମହିଳାଙ୍କ ଗଳିତ ମୃତଦେହ ଜବତ
## ହତ୍ୟା ଅଭିଯୋଗ

ବାରିପଦା ଅଫିସ,୧୧।୧୧

ବାରିପଦା ସଦର ଥାନା ପୋଲିସ ବୁଧବାର ଚନ୍ଦନପୁର ପଞ୍ଚାୟତ ଅନ୍ତର୍ଗତ ବୈଦ୍ୟପୁର ଗ୍ରାମର ଏକ କୂଅରୁ ଜନୈକା ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି । ମହିଳା ଜଣକ ହେଲେ ମୁନସୀ ମାରାଣ୍ଡିଙ୍କ ସ୍ତ୍ରୀ କରମୀ(୪୫)। ଏ ସଂକ୍ରାନ୍ତରେ କରମୀଙ୍କ ଭାଇ ରଣଜିତ ଟୁଡୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୨୩୧/୨୧) ରୁଜୁ କରିଛି। ମୁନସୀ ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ପୋଲିସ ଅଟକ ରଖିଛି। ମୁନସୀଙ୍କ ଦୁଇଟି ସ୍ତ୍ରୀ ରହିଥିବା ବେଳେ କୌଣସି କାରଣକୁ ନେଇ କରମୀ ରବିବାର ଠାରୁ ନିଖୋଜ ଥିଲେ। ବୁଧବାର କୂଅରେ ତାଙ୍କ ଶବ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଫିସର ଲମ୍ବୋଦର ମାଝି ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର

ବାଲିଆପାଳ, ୧୧।୧୧(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପରିସରରେ ଗୁରୁବାର ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଓର୍‌ମାସ ଦ୍ୱାରା ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲଳିତ ସରେଙ୍ଗ, ଓଆରଏମ୍‌ଏଏସ୍‌ର ଜିଲା ସଂଯୋଜକ ଅଲିନବିନ୍ଦୁ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଓଏଲ୍‌ଏମ୍‌ର ବାଲିଆପାଳ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ରବୀନ୍ଦ୍ର ଦାସ ସଭାକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ରୂପରେଖ ଦେଇଥିଲେ ବାଲିଆପାଳ ବ୍ଲକର ଏସଡିସି ଚନ୍ଦନ ନାଥ। ମୋଟ ୨୩୬ ଜଣ ନାମ ପଞ୍ଜିକରଣ କରିଥିଲେ। ୭୭ଜଣ ପ୍ରଶିକ୍ଷଣ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରତି ପଞ୍ଚାୟତ ସ୍ତରରେ ପୁଣି ପିଲାମାନଙ୍କୁ ମୋଟିଭେଶନ କରାଯିବ ବୋଲି ଓଏଲ୍‌ଏମ୍‌ର ବାଲିଆପାଳ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ଚନ୍ଦ୍ରିକା ସେଠୀ, ରାଜକିଶୋର ପ୍ରଧାନଙ୍କ ସହିତ ବହୁ ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି, ସଭାନେତ୍ରୀ, ସମ୍ପାଦିକା ଏବଂ ମୋବିଲାଇଜରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଓଏଲ୍‌ଏମ୍‌ର ବିଏଲ୍‌ସି ସଙ୍ଗୀତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଲା ମାଧ୍ୟମରେ ସୁନାମି ସଚେତନତା

ବାସୁଦେବପୁର, ୧୧।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୧୭ଟି ପଞ୍ଚାୟତ ବଙ୍ଗୋପସାଗର ସୀମାକୁ ସିଧାସଳଖ ସଂଲଗ୍ନ ଥିବାବେଳେ ଏସବୁ ଅଞ୍ଚଳ ସୁନାମି ପ୍ରବଣ ହୋଇଥିବାରୁ ଗ୍ରାମ ବୁଲି ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ସୁନାମି ସଚେତନତା ପାଲା ଆୟୋଜିତ ହେଉଛି। ବ୍ଲକ କଳା ସଂସ୍କୃତି ସଂଘ ଅଧୀନ ପଞ୍ଜୀକୃତ ପାଲା କଳାକାରମାନେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଉଛନ୍ତି। ସଂଘର ଉପସଭାପତି ତଥା ବରିଷ୍ଠ ପାଲାକାର ସନାତନ ପୁରୀ, ସହଯୋଗୀ ସନାତନ ବାରିକ, ସୁଦାମ ବିଶ୍ୱାଳ ପ୍ରମୁଖ ଶାଶୁଭୁଆଁଶୁଣି ପଞ୍ଚାୟତରେ ପାଲା ପରିବେଷଣ କରି ଲୋକଙ୍କୁ ସଚେତନ କରାଇଥିଲେ। ସରପଞ୍ଚ କୁଞ୍ଜଲତା ମଲିକ, ତାଙ୍କ ପ୍ରତିନିଧି ଶରତ ମଲିକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।



ପାଲା ପରିବେଷଣ କରୁଛନ୍ତି କଳାକାର।

# ରୋଗୀ କଲ୍ୟାଣ ସମିତି ବୈଠକ

କୁଲିଅଣା,୧୧।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଲିଅଣା ବ୍ଲକ ଅଧୀନ ମାରାଂତାଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ଜୟନ୍ତୀ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। କୁଲିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କୁମାର ସିଂ, ମାରାଂତାଣ୍ଡି ପିଏଚ୍‌ସିର ସୁବାସ ମୁର୍ମୁ, ଶୁଭାଙ୍କାରୀ ମିଶ୍ର, ଚାନ୍ଦୁଆ ସିଏଚ୍‌ସିର ଚିନ୍ମୟ କୁମାର ନାୟକ, ସାନସରାସପୋଷି ପିଏଚ୍‌ସିର ସଙ୍ଗେଲ ସିଂ ମୁର୍ମୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାର୍ମାସିଷ୍ଟ ଚିତ୍ତରଞ୍ଜନ ମହାନ୍ତ, ଏନ୍‌ଏଚ୍‌ଏମ୍ ସୋମ୍ୟରଞ୍ଜନ, ପିଏଚ୍‌ଇଓ ଖୁଲଣା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ପାଚିକା, ସହାୟିକା ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ବନ୍ତ,୧୧।୧୧(ଡି.ଏନ.ଏ.)

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକା ସଙ୍ଗଠନ ଏବଂ ସିଆଇଟିୟୁର ବନ୍ତ ବ୍ଲକ କମିଟି ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ଦାବି ସମ୍ବଳିତ ପତ୍ର ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କୁ ପ୍ରଦାନ କରାଯାଇଛି। ସ୍କିମ୍ ପ୍ରଥା ଉଚ୍ଛେଦ କରି ସ୍ଥାୟୀ କର୍ମଚାରୀ ମାନ୍ୟତା, ମାସିକ ବେତନ ସର୍ବନିମ୍ନ ୨୧ ହଜାର ଟଙ୍କା ପ୍ରଦାନ, ବକେୟା ୨୮ ମାସର ବର୍ଦ୍ଧିତ ବେତନ, ବର୍ଷକୁ ୨ ଖଣ୍ଡ ଶାଢ଼ି, ଛଟେଇ ହୋଇଥିବା ପାଚିକା, ସହାୟିକାଙ୍କୁ ପୁନଃ ନିଯୁକ୍ତି, ଅବସର ବୟସ ୬୦ ପରିବର୍ତ୍ତେ ୬୨, ସମସ୍ତଙ୍କୁ ପେନ୍‌ସନ, ବୀମାରାଶି, ମୃତ୍ୟୁକାଳୀନ ସହାୟତା ରାଶି, ବେଆଇନ ଛଟେଇ ବନ୍ଦ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ସଙ୍ଗଠନ ନେତା ମହେଶ୍ୱର ନାୟକଙ୍କ ନେତୃତ୍ୱରେ ପାଚିକା ଓ ସହାୟିକାମାନେ ବ୍ୟାନର ଧରି ଶୋଭାଯାତ୍ରାରେ ଯାଇ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରେଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନାରାୟଣ ଚନ୍ଦ୍ର ଲେଙ୍କା, ଉତ୍ତମ ପାତ୍ର, ସତ୍ୟଭାମା ସାହୁ, ତିଳୋତ୍ତମା ଶଂଖୁଆ, ଅନସୂୟା ରଣା, କାଞ୍ଚନ ଖିଲାର, ଶୁକମଣି ଜେନା, ଜୟନ୍ତୀ ବିଶ୍ୱାଳ, ପୁଷ୍ପାରାଣୀ ସାହୁ, ମେନକା ଜେନା, ଶାନ୍ତିଲତା ବାରିକ, ତିଳୋତ୍ତମା ବାରିକ, ବାସନ୍ତୀ ସାହୁ ପ୍ରମୁଖ ସାମିଲ ଥିଲେ।




ପାଚିକା ସଂଘର କର୍ମକର୍ତ୍ତା ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରେଇଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

